# Akashvani, Sambalpur

## SAMBALPURI NEWS EVENING BULLETIN

## 15 April 2026-7.02- 7.12 pm.

---

୧- ମହିଳା ସଂରକ୍ଷଣ୍ ବିଲ୍ ଉପ୍ରେ ଆଲୋଚନା ଲାଗି ଆଏବା କାଏଲ୍ଠାନୁ ମୁଳ୍ ହେବା ସଂସଦ୍‌ର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ।

୨- ୨୦୨୩ ମସିହାର୍ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ହେଉଛେ ସବୁନୁ ବଡ଼ ବୈପ୍ଳବିକ ନିଷ୍ପତି- କହେଲେ ମୁଖ୍ୟମନ୍ତ୍ରୀ ।

୩- ବୁର୍ଲା ଭିସ୍ସୁଟ୍ ପରିସର୍ ନ ଜୋହୋ ସ୍କିଲ୍ ହବ୍‌କେ ଲୋକାର୍ପଣ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ବାହାରିଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍- ସିବିଏସ୍‌ଇ ପରିଚାଳିତ୍ ୧୦ ଶ୍ରେଣୀ ବୋର୍ଡ୍ ପରୀକ୍ଷା ଫଲ୍ ।

ମହିଳା ସଂରକ୍ଷଣ୍ ବିଲ୍		ଆର୍ଏନ୍ୟୁ/ କଟକ୍

ମହିଳା ସଂରକ୍ଷଣ୍ ବିଲ୍ ଉପ୍ରେ ଆଲୋଚନା ଲାଗି ଆଏବା କାଏଲ୍ଠାନୁ ସଂସଦ୍ର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ମୁଲ୍ ହେବା । ଭିନ୍ ଭିନ୍ ଦିଗ୍ ଉପ୍ରେ ବିଚାର୍ ବିମର୍ଷ କରାଯାଇକରି ମହିଳା ସଂରକ୍ଷଣ୍ ବିଲ୍ ତିଆର୍ ହେଇଛେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ । ନୂଆଦିଲ୍ଲୀ ଠାନେ ସାମ୍ବାଦିକ୍ ମାନ୍କର୍ ସାଙ୍ଗେ ଆଲୋଚନା ବେଲେ ଶ୍ରୀ ରିଜିଜୁ କହିଛନ୍, ସବୁ ପ୍ରସଙ୍ଗକେ ନ୍ୟାୟସଙ୍ଗତ୍ ଭାବେ ବିଚାର୍ କରାଯିବାର୍ ସହେତେ ଆସନ୍ ସଂଖ୍ୟା ବଢ଼ାବାର୍ ଲାଗି ଭିଲ୍ ପ୍ରସ୍ତାବ୍ ରହିଛେ । ପ୍ରସ୍ତାବିତ୍ ବିଲ୍ ଗୁଟେ ସନ୍ତୁଳିତ ଆଉ ସବୁ ସମ୍ପ୍ରଦାୟ, ଅଂଚଲ୍, ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ଆକାଂକ୍ଷାକେ ପୁରା କର୍ବା ବଲି ଶ୍ରୀ ରିଜିଜୁ ଆଶ୍ କରିଛନ୍ ।

(ଭଏସ୍ ଓଭର୍- କିରେନ୍ ରିଜିଜୁ)

ମୁଖ୍ୟମନ୍ତ୍ରୀ- ନାରୀଶକ୍ତି ବନ୍ଦନ		ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲା ୧୨ ବଛ୍‌ରେ ମହିଳାମାନ୍‌କର୍ ବିକାଶ୍ ଲାଗି ବହୁତ୍‌ଟେ କଲ୍ୟାଣ୍‌କାରୀ ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍ । ୨୦୨୩ ମସିହାର୍ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ହେଉଛେ ସବୁନୁ ବଡ଼ ବୈପ୍ଳବିକ ନିଷ୍ପତି । ଯେନ୍‌ଟା ସ୍ୱାଧୀନତା ଉତ୍‌ରର୍ ଭାରତ୍ ନ ମହିଳା ସଶକ୍ତିକରଣ୍ କ୍ଷେତ୍ରଥି ସବୁନୁ ବଡ଼ ପଦକ୍ଷେପ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ନ ହେଇଥିବା ନାରୀ ଶକ୍ତି ବନ୍ଦନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ମହିଳା ସଶକ୍ତିକରଣ୍‌କେ ଦେଶ୍ ଆଉ ରାଜ୍ୟର୍ ବିକାଶ୍‌ର ମୁଲ୍ ଆଧାର୍ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ଖାଲି ଗୁଟେ ଆଇନ୍ ନୁହେଁସେ, କୋଟି କୋଟି ମହିଳାଙ୍କର୍ ସପନ୍‌କେ ସାକାର୍ କରିଥିବା ଗୁଟେ ଐତିହାସିକ୍ ପଦକ୍ଷେପ୍ ଆଏ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଓଡ଼ିଶା ନ ତୃଣମୂଳସ୍ତର୍ ନୁ ପାଖାପାଖି ୧୪ ଲାଖ୍ ନୁ ଅଏତ୍‌କା ମହିଳା ପଂଚାୟତ୍‌ରାଜ୍ ଅନୁଷ୍ଠାନ୍ ମାନ୍‌କେ ନିର୍ବାଚିତ ପ୍ରତିନିଧି ଭାବେ କାମ୍ କରିକରି ନିଜର୍ ଦକ୍ଷତାକେ ପ୍ରମାଣିତ୍ କରିଛନ୍ । ଇ ଅଧିନିୟମ୍ ମହିଳା ବିକାଶ୍ କ୍ଷେତ୍ରଥି ପ୍ରଧାନ୍‌ମନ୍ତ୍ରୀଙ୍କର୍

ପ୍ରତିବଦ୍ଧତାର୍ ଉଦାହରଣ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଅଲ୍‌ଗା ବିଶିଷ୍ଟ ଅତିଥି ମାନେ ଯୋଗ୍ ଦେଇଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲପୁର ସମ୍ବାଦଦାତା

ଖାଲି ଡିଗ୍ରୀ ନୁହେଁ ଦକ୍ଷତା ଆଧାରିତ୍ ଶିକ୍ଷା ହିଁ ଛାତ୍ରଛାତ୍ରୀ ମାନ୍‌କର୍ ପ୍ରକୃତ୍ ପରିଚୟ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍ ପରିସର୍ ନ ଜୋହୋ ସ୍କିଲ୍ ହବ୍‌କେ ଲୋକାର୍ପଣ୍ କରିକରି ସେ କହିଛନ୍, ଛାତ୍ରଛାତ୍ରୀମାନ୍‌କୁ ଅତ୍ୟାଧୁନିକ୍ ଟେକ୍ନୋଲୋଜି ଜରିଏ ପ୍ରଶିକ୍ଷଣ୍ ଆଉ ନିଯୁକ୍ତି ସୁଯୋଗ୍ ଯୁଗାବା ।

ଇ ଅବ୍‌ସରେ ପେଟିଏମ୍‌ର ୱିସ୍‌ଡମ୍ ଅନ୍ ୱିଲ୍ କେ ଭିଲ୍ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଉଦ୍‌ଘାଟନ୍ କରିଛନ୍ । ଯେନ୍‌ଟା ଗାଁ ଇଲାକା ନ ଡିଜିଟାଲ୍ ଆଉ ଆର୍ଥିକ୍ ସ୍ୱାକ୍ଷରତାକେ ବଢ଼ାବା । ସମ୍ବଲ୍‌ପୁର୍‌କେ ଗୁଟେ ମଲ୍ଟି ଡିସିପ୍ଲିନାରୀ ଶିକ୍ଷା କ୍ଲଷ୍ଟର୍ ବନାବାର୍ ଲାଗି ଭିସୁଟ୍, ଭିମ୍‌ସାର୍, ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଆଉ ଆଇଆଇଏମ୍

ସମ୍ବଲ୍‌ପୁର୍‌ର ତାଲ୍‌ମେଲ୍ ରଖ୍‌ବାର୍‌କେ ମନ୍ତ୍ରୀ ଜୋର୍ ଦେଇଛନ୍ । ଇ ଅବ୍‌ସରେ ନୂଆଁ ପ୍ରଶିକ୍ଷଣ୍ ଆଉ ନିଯୁକ୍ତି ଭବନ୍ ସହେତେ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଭିତିପ୍ରସ୍ତର୍ ଭିଲ୍ ଥାପ୍‌ନା କରିଛନ୍ । ଆଏଜ୍ ସଖାଲ୍‌ବେଲା ସମ୍ବଲ୍‌ପୁର୍ ଦଲେଇପଡ଼ା ଠାନେ ବୀର ସୁରେନ୍ଦ୍ର ସାଏ ସଂଗ୍ରହାଲୟକେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଉଦ୍‌ଘାଟନ୍ କରିକରି କହିଛନ୍, ଇ ସଂଗ୍ରହାଲୟ ଭବିଷ୍ୟତ୍ ପିଢ଼ିକେ ରାଜ୍ୟର୍ ଐତିହ୍ୟ ଆଉ ଇତିହାସ୍ ବାବ୍‌ଦେ ଜାନ୍‌ବାର୍ ଲାଗି ପ୍ରେରଣା ଦେବା ।

୧୯୦୪ ମସିହାଥି ୯ ଝନ୍ ଜମିଦାର୍‌ଙ୍କର୍ ଦାନ୍ ଟଙ୍କାଥି ସେତେବେଲର୍ ବ୍ରିଟିଶ୍ ସର୍‌କାର୍ ଇ କୁଠାକେ ଭିକ୍ଟୋରିଆ ଡିଷ୍ଟ୍ରିକ୍ଟ ହଲ୍ ଭାବେ ନାମିତ୍ କରିଥିଲେ । ରାଜ୍ୟ ସର୍‌କାର୍‌ଙ୍କର୍ ସଂସ୍କୃତି ଆଉ ପର୍ଯ୍ୟଟନ୍ ବିଭାଗ୍, ଜିଲ୍ଲା ପ୍ରଶାସନ୍ ଆଉ ଇନ୍‌ଟାକ୍‌ର ମିଲିତ୍ ସହଯୋଗ୍‌ଥି ଇ ସଂଗ୍ରହାଲୟ ତିଆର୍ ହେଇଛେ । ସମ୍ବଲ୍‌ପୁର୍‌ର ଐତିହ୍ୟ, ସଂସ୍କୃତି ଆଉ ପରମ୍ପରା ସାଙ୍ଗେ ଜଡ଼ିତ୍ ବହୁତ୍ ଦୁର୍ଲଭ ଫଟୋଚିତ୍ର ଇ ସଂଗ୍ରହାଲୟ ନ ଠାନ୍ ପାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ଆସାମ୍ ମୁଖ୍ୟମନ୍ତ୍ରୀ        ପୁରୀ ସମ୍ବାଦଦାତା

ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ଶ୍ରୀ ମନ୍ଦିର୍‌କେ ଯାଇକରି ଶ୍ରୀ ବିଶ୍ୱଶର୍ମା ରତ୍ନସିଂହାସନ୍ ନ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ପୂଜା କରିଛନ୍ । ମହିଳା ସଂରକ୍ଷଣ୍ ବିଲ୍‌କେ ସ୍ୱାଗତ କର୍‌ବାର୍ ସହେତେ ସଭେ ଇଥିର୍‌ଲାଗି ସମର୍ଥନ୍ ଜନାବାର୍‌କେ ଶ୍ରୀ ବିଶ୍ୱଶର୍ମା ଆହ୍ୱାନ୍ ଦେଇଛନ୍ ।

ପୁରୀ ଶ୍ରୀମନ୍ଦିର୍-ସ୍ଲଟ୍ ବୁକିଂ        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ସ୍ଲଟ୍ ବୁକିଂ ଜରିଏ ଦର୍ଶନ୍ ବ୍ୟବସ୍ଥା ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ଅନ୍‌ଲାଇନ୍ ଆଉ ଅଫ୍‌ଲାଇନ୍ ଜରିଏ ସ୍ଲଟ୍ ବୁକିଂ ବ୍ୟବସ୍ଥାକେ କାର୍ଯ୍ୟକାରୀ କରାଯିବା ଆଉ ଖୋବ୍ ଜଲ୍‌ଦି ଇ ବ୍ୟବସ୍ତା ଲାଗୁ କର୍‌ବାର୍ ଲାଗି ବିଚାର୍ ବିମର୍ଷ ଚାଲିଛେ ବଲି ସେ

କହିଛନ୍ । ପହେଲା ପରୀକ୍ଷାମୂଲକ୍ ଭାବେ ଇଟା କାର୍ଯ୍ୟକାରୀ କରାଯିବା । ତାର୍ ସଫଲ୍ତାର୍ ଆଧାର୍ଥି ପୁରାପୁରି କାର୍ଯ୍ୟକ୍ଷମ୍ କର୍ବାର୍ ବାବ୍ଦେ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ ।

(ଭଏସ୍ ଓଭର୍-ପୃଥ୍ୱୀରାଜ୍ ହରିଚନ୍ଦନ୍)

ସୁରକ୍ଷା ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ସୁରକ୍ଷା ବ୍ୟବସ୍ଥାକେ ନେଇକରି ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଗୁଟେ ଜରୁରୀ ସମୀକ୍ଷା ବୈଠକ୍ ହେଇଯାଇଛେ । ସୁରକ୍ଷା ସବ୍କମିଟି ଅଧ୍ୟକ୍ଷ ଡକ୍ଟର୍ ଗିରିଶ୍ ମୁର୍ମୁ ଆଉ ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂଙ୍କର୍ ସହେତେ ଶ୍ରୀମନ୍ଦିର ନୀତି ପ୍ରଶାସକ ଆଉ ଅଲ୍ଗା ଅଧିକାରୀମାନେ ବୈଠକ୍ଥି ଉପସ୍ଥିତ୍ ଥିଲେ । ବୈଠକ୍ଥି ଶ୍ରୀମନ୍ଦିର୍ ଭିତ୍ରେ ଭକ୍ତମାନ୍କର୍ ସୁରକ୍ଷିତ୍ ଦର୍ଶନ୍, ମୋବାଇଲ୍ ଫୋନ୍ କଟ୍କନା ବାବ୍ଦେ ଆଲୋଚନା ହେଇଛେ ।

ବନକଲାଗି ନୀତି          ପୁରୀ ସମ୍ବାଦଦାତା

ବୈଶାଖ୍ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ଅବ୍ସରେ ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି ହେଉଛେ । ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ଗୁପ୍ତ ନୀତି ମୁଲ୍ ହେଇଛେ । ଇଥିର୍ଲାଗି ବେଲ୍ବୁଡ଼ର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ୪ ଘଂଟା ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ।

ସିବିଏସ୍ଇ-୧୦ ଶ୍ରେଣୀ ଫଲ୍          ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍- ସିବିଏସ୍ଇ ତର୍ଫୁ ଆଏଜ୍ ୧୦ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଫଲ୍ ବାହାରିଛେ । cbse.nic.in ୱେବ୍ସାଇଟ୍ ଜରିଏ ଆଉ ଡିଜି ଲକର୍ ଆଉ ଉମଙ୍ଗ୍ ଆପ୍ଥି ଛାତ୍ରଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଜାନିପାର୍ବେ ବଲି ପରିଷଦ୍ ତର୍ଫୁ କୁହାଯାଇଛେ । ଇ ବଛର୍ ଫେବୃଆରୀ ୧୭ ନୁ ମାର୍ଚ୍ଚ ୧୧ ତାରିଖ୍ତକ୍ ୧୦ ଶ୍ରେଣୀ ପରୀକ୍ଷା ହେଇଥିଲା । ଇଥି ପାଖାପାଖି ୨୫ ଲାଖ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ପରିବହନ୍ ବିଭାଗ୍- ସ୍ୱତନ୍ତ୍ର ଅଭିଯାନ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସଡ଼କ ସୁରକ୍ଷାକେ ନଜର୍‌ଥି ରଖିକରି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ଆଏଜ୍‌ଠାନୁ ୨୦ ତାରିଖ୍‌ତକ୍ ବିନା ଡ୍ରାଇଭିଂ ଲାଇସେନ୍ସ କି ଅବୈଧ ଡ୍ରାଇଭିଂ ଲାଇସେନ୍ସ ବିରୋଧିଥି ସାରା ରାଏଜେ ସ୍ୱତନ୍ତ୍ର ଅଭିଯାନ୍ ମୁଲ୍ ହେଇଛେ । ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନାଙ୍କର୍ ନିର୍ଦ୍ଦେଶ୍‌ଥି ଚାଲିଥିବା ଇ ଅଭିଯାନ୍‌ଥି ଖାସ୍ କରି ଟ୍ରାକ୍ଟର୍ ଟ୍ରଲର୍ ଡମ୍ପର୍ ଆଉ ଟିପର୍ ବାଗିର୍ ଭାରିଯାନ ଉପ୍‌ରେ କଡ଼ା ଯାଂଚ୍ କରାଯାଉଛେ । ମୋଟର୍ ଯାନ ଆଇନ୍ ଉଲ୍ଲଂଘନ୍ କରିଥିବା ଡ୍ରାଇଭର୍ ମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ସବୁ ଆର୍‌ଟିଓମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଅବ୍‌ସରେ ଲୋକ୍‌ମାନ୍‌କୁ ସଡ଼କ୍ ସୁରକ୍ଷା ନିୟମ୍ ମାନ୍‌ବାର୍ ସହେତେ ବୈଧ ଡ୍ରାଇଭିଂ ଲାଇସେନ୍ସ ସହେତେ ଗାଡ଼ି ଚଲାବାର୍‌କେ ପରାମର୍ଶ ଦିଆଯାଇଛେ ।

ଧାନ୍‌ଘିନା     ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ନିୟନ୍ତ୍ରିତ ବଜାର୍ କମିଟି ତର୍‌ଫୁ ଭଏଁସା ଠାନେ ଧାନ୍ ଘିନା ଲାଗି ପଦକ୍ଷେପ୍ ନିଆଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଇଥିର୍‌ଲାଗି ଭିତିଭୂମିର ଶିଲାନ୍ୟାସ୍ କରିଛନ୍ । ନୂଆଁ ଭିତିଭୂମି ତିଆର୍ ହେଲେ ଚାଷୀମାନେ ତାର୍ ସୁଫଲ୍ ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ଚାଷୀମାନେ ଅତି ସହଜ୍ ଆଉ ସରଲ୍ ଭାବେ ଧାନ୍ ବିକ୍‌ବାର୍ ସୁଯୋଗ୍ ପାଇପାର୍‌ବେ ଆଉ ସେମାନ୍‌କୁ ପରିଶ୍ରମ୍‌ର ଉଚିତ୍ ଦର୍ ଦେବାର୍‌ଟା ସର୍‌କାର୍‌ଙ୍କର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ ବଲି ଶ୍ରୀ ସିଂହଦେଓ କହିଛନ୍ ।

ବୌଦ୍ଧ -ଦିଶା ବୈଠକ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପରିଦ୍ ୍ କାର୍ଯ୍ୟାଳୟ ପଂଚାୟତ୍ ଭବନ୍ ଠାନେ ଇ ବଛ୍‌ରର୍ ପହେଲା ଦିଶା ବୈଠକ୍ ହେଇଯାଇଛେ । କନ୍ଧମାଲ୍ ସାଂସଦ୍ ସୁକାନ୍ତ କୁମାର୍ ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା ବୈଠକ୍‌ଥି ସବୁ ବିଭାଗ୍‌ର ଚାଲୁଥିବା ଯୋଜ୍‌ନା ମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସାଇବର୍ ସଚେତନତା ଶିବିର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ତର୍‌ଫୁ ନେସ୍‌ନାଲ୍ ହାଇସ୍କୁଲ୍ ପରିସର୍ ନ ସାଇବର୍ ସଚେତନତା ଶିବିର୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲା ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇକରି ସଚେତନତା ଜରିଏ ଠକେଇନୁ ବଂଚିକରି ନିଜେ ସୁରକ୍ଷିତ ରହେବାର୍ ସହେତେ ନିଜର୍ ପରିବାର୍‌କେ ସୁରକ୍ଷିତ୍ ରଖିବାର୍‌କେ ଆହ୍ୱାନ୍ ଦେଇଥିଲେ ।

ସମୀକ୍ଷା ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ନ ଚାଲିଥିବା ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ ଥିତିକେ ନେଇକରି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ପ୍ରକଳ୍ପ ମାନ୍‌କର୍

କାର୍ଯ୍ୟକାରିତା ଆଉ ସେମାନ୍‌କୁ ତୁରତି ସାର୍‌ବାର୍ ବାବ୍‌ଦେ ଆଲୋଚନା ହେଇଛେ । ପ୍ରକଳ୍ପ ମାନ୍‌କର୍ ସାଙ୍ଗେ ଜଡ଼ିତ୍ ଭିନ୍ ଭିନ୍ ବିଭାଗ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଇ ବୈଠକ୍‌ଥି ଯୋଗ୍‌ଦେଇଥିଲେ ।

ଜୀବିକା ମିଶନ୍ ସମୀକ୍ଷା ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଓଡ଼ିଆ ଜୀବିକା ମିଶନ୍ ଆଉ ମିଶନ୍ ଶକ୍ତିର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଜିଲ୍ଲା ନ ଜୀବିକା କ୍ଷେତ୍ରଥି ଅଗ୍ରଗତି  ସନ୍ତୋଷ୍‌ଜନକ୍ ଥିବାର୍ ଜନାପଡ଼ିଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌କେ ଲାଗିଛେ । ଆଏବା ୭ ଦିନ୍‌ତକ୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା କାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାକେ ଅଏତ୍‌କା ଗରମ୍ ହେବାର୍ ସମ୍ଭାବନା ରହିଛେ ।